## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ରାଜକନିକା,୧୪।୪(ସମିସ): ଗତକାଲି ଅପରାହ୍ନରେ ଓଳାଭରଠାରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ସୁରେନ୍ଦ୍ର ନାଥ (୨୦)ଙ୍କ ରାତିରେ କଟକ ମେଡ଼ିକାଲରେ ମୃତ୍ୟୁ ଘଟିଛି। ଅନ୍ୟଜଣେ ଆହତ ରାଜା ମଲ୍ଲିକଙ୍କ ଅବସ୍ଥା ସଙ୍ଗୀନ ଥିବା ଜଣାପଡିଛି। ମୃତ ସୁରେନ୍ଦ୍ର ନାଥ ବାଇକରେ ସାତଘରିଆ ଗାଁରେ ଥିବା ସାଙ୍ଗ ରାଜାଙ୍କୁ ବାଇକରେ ବସାଇ ଓଳାଭର ଗ୍ରାମ୍ୟ ବ୍ୟାଙ୍କକୁ ଆସୁଥିବା ସମୟରେ ଏକ କାର୍ ଧକ୍କା ଦେଇଥିଲା। ଏଥିରେ ସୁରେନ୍ଦ୍ର ଓ ରାଜା ଗୁରୁତର ଆହତ ହୋଇଥିଲେ। ଏଥିରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଛି।

## ହନୁମାନ ଜୟନ୍ତୀରେ ପୁରପଲ୍ଲୀ ଉତ୍ସବ ମୁଖର

ଡେରାବିଶ, ୧୪।୪(ସମିସ): ଆଜି ମହାପ୍ରଭୁ ଶ୍ରୀହନୁମାନଙ୍କ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ପୁରପଲ୍ଲୀ ଉତ୍ସବ ମୁଖର ହୋଇଛି। ସମଗ୍ର ଡେରାବିଶ ଅଞ୍ଚଳରେ ଥିବା ହନୁମାନଙ୍କ ମନ୍ଦିରରେ ଭକ୍ତ ପୂଜାର୍ଚ୍ଚନା କରିବା ସହିତ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ଶ୍ରଦ୍ଧାଳୁ ଘର ସମ୍ମୁଖରେ ପବିତ୍ର କଳସ ସ୍ଥାପନ କରିବା ସହିତ ଘରେ ଓ ଘର ବାହାରେ ଗୈରିକ ଧ୍ୱଜା ଉତ୍ତୋଳନ କରିଥିଲେ। ଏଥିସହିତ ମହାବିଷୁବ ସଂକ୍ରାନ୍ତି ପାଇଁ ଘର ସମ୍ମୁଖରେ ମା ବୃନ୍ଦାବତୀଙ୍କ ମସ୍ତକରେ ଥିବା ମାତା ତୁଳସୀଙ୍କ ବୃକ୍ଷକୁ ସୁଶୀତଳ ରଖିବା ପାଇଁ ଗବଗଛ ଡାଳରେ ମାଟି କଳସୀରେ ପାଣି ରଖି ସେଥିରୁ କୁଶଦ୍ୱାରା ପାଣି ସିଞ୍ଚନ କରାଯାଇଛି।

## ଓଡ଼ିଆ ପକ୍ଷ ଅବସରରେ ଓଡ଼ିଆ ନବବର୍ଷ

କେନ୍ଦ୍ରାପଡ଼ା,୧୪।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ନବବର୍ଷ ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏ ଅବସରରେ ଓଡିଆ ଭାଷା, ସଂସ୍କୃତି ଓ ପାରମ୍ପରିକ ଆହାରର ପ୍ରଚାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପଣା ସହିତ ପାରମ୍ପରିକ ଓଡିଆ ପିଠାପଣାର ଆସର। ଯେଉଁଠାରେ ବିଭିନ୍ନ ପ୍ରକାର ଓଡିଆ ଖାଦ୍ୟ ପ୍ରଦର୍ଶିତ ଓ ପରିବେଷଣ କରାଯାଇଥିଲା। ଉପସ୍ଥିତ ଅତିଥି ଓ କର୍ମଚାରୀ ଏହି ପାରମ୍ପରିକ ଖାଦ୍ୟର ସ୍ୱାଦ ଉପଭୋଗ କରିବା ସହ ଓଡିଆ ଖାଦ୍ୟ ସଂସ୍କୃତି ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ସେହିପରି ଝୋଟି ଓ ମୁରୁଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ବିଭିନ୍ନ ବିଭାଗର କର୍ମଚାରୀ ଓ ଅଂଶଗ୍ରହଣକାରୀ ସୃଜନଶୀଳ ଡିଜାଇନ୍ ମାଧ୍ୟମରେ ଓଡିଆ ଲୋକକଳାର ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳ ରଘୁରାମ ଆର. ଆୟର କହିଥିଲେ, ଓଡିଆ ପକ୍ଷ ପାଳନ ମାଧ୍ୟମରେ ଆମ ଭାଷା, ସଂସ୍କୃତି ଓ ପାରମ୍ପରିକତାକୁ ସୁରକ୍ଷିତ ଓ ପ୍ରଚାର କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସେ ସମସ୍ତଙ୍କୁ ଓଡିଆ ପରମ୍ପରାକୁ ଦୈନନ୍ଦିନ ଜୀବନରେ ଅନୁସରଣ କରିବାକୁ ଆହ୍ୱାନ କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ।

## ମହାବୀର ହନୁମାନଙ୍କ ବାର୍ଷିକ ଉତ୍ସବ

ପଞ୍ଚୁପାଣ୍ଡବ,୧୪।୪(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ହାଟ ପଡ଼ିଆ ନିକଟରେ ଥିବା ମହାବୀର ହନୁମାନଙ୍କ ଚତୁର୍ଥ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳୁ ମହିଳାମାନେ ସଂକୀର୍ତ୍ତନ ମଣ୍ଡଳୀ ଓ ବାଜା ବାଣ ଫୁଟାଇ ବେଲାରପୁର ଗୋବରୀ ନଦୀ ବ୍ରିଜ ନିକଟରେ ଥିବା ଶନି ଠାକୁର ନିକଟରୁ ପାଣି ଉଠାଇ ୧୦୮ କଳସ ଯାତ୍ରାରେ ଆସି ହନୁମାନଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଉତ୍ସବରେ କର୍ତ୍ତା ଭାବେ ବ୍ରଜକିଶୋର କର, ବିଜୟଲକ୍ଷ୍ମୀ କର କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମହାବୀର ହନୁମାନ କମିଟି ସଭାପତି ସଦାଶିବ ମହାରଣା, କଳ୍ପତରୁ ମହାରଣା, ଜଗଦୀଶ ଦାସ, ରଞ୍ଜିତ ମହାରଣା, ଗିରିଜା ନନ୍ଦନ କର, ଗଜେନ୍ଦ୍ର ଘଡାଇ ଓ ଗ୍ରାମବାସୀ ସହଯୋଗ କରୁଛନ୍ତି।

## ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ପରଲୋକ

ଆଳି,୧୪।୪(ସମିସ): ଆଳି ଜଳସମ୍ପଦ ବିଭାଗ କର୍ମଚାରୀ ତୁଷାରକାନ୍ତ ସାହୁ(୩୯)ଙ୍କ ଆଜି ସନ୍ଧ୍ୟାରେ ହଠାତ ପରଲୋକ ଘଟିଛି। ସେ ତାଙ୍କ ପତ୍ନୀ ଓ ଝିଅଙ୍କ ସହ ଆଳିରେ ଏକ ଭଡା ଘରେ ରହୁଥିଲେ। ଆଜି ସନ୍ଧ୍ୟାରେ ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଅକସ୍ମାତ ମୃତ୍ୟୁ ଜଳସମ୍ପଦ ବିଭାଗର ସମସ୍ତ କର୍ମଚାରୀଙ୍କ ସହ ସମଗ୍ର ଆଳି ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ମରଶରୀର ଥିବାବେଳେ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ରାଜକନିକା,୧୪।୪(ସମିସ): ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତର ବିରାଡ଼ିଆ ଗାଁର ଧର୍ମପ୍ରାଣ ବାସନ୍ତୀ ବେହେରା (୮୯) ଆଜି ସନ୍ଧ୍ୟାରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିବାବେଳେ ସୋମବାର ସନ୍ଧ୍ୟା ୬.୩୦ମିନିଟରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବାସନ୍ତୀ କାଟଣାବଣିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ବ୍ରହ୍ମାନନ୍ଦ ବେହେରାଙ୍କ ଧର୍ମପତ୍ନୀ ଅଟନ୍ତି। ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ଗ୍ରାମରେ ପରିଚିତ ଥିଲେ।

### ମା' ମାଟିଆମଙ୍ଗଳାଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି

# ମା'ଙ୍କୁ ଦର୍ଶନ କଲେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ରାଜନଗର,୧୪।୪(ସମିସ)



ରାଜନଗର ବ୍ଲକର ସର୍ବପୁରାତନ ବାରଗାଁର ମା' ମାଟିଆମଙ୍ଗଳା ଶକ୍ତି ପୀଠରେ ଆଜି ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି। ରାଜନଗର ସମେତ ପଟ୍ଟାମୁଣ୍ଡାଇ, ମହାକାଳପଡା, ଆଳି, ରାଜକନିକା ପ୍ରଭୃତି ଅଞ୍ଚଳରୁ ପ୍ରାୟ ୫୦ ହଜାର ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଛନ୍ତି। ଆଜି ଭୋର ୩ଟାରେ ମା'ଙ୍କ ବଡ଼ସିଂହାର ବେଶ କରାଯାଇଥିଲା। ପରେ ମା'ଙ୍କର ଷୋଡଶ ଉପଚାର, ବାଲ୍ୟଭୋଗ, ଆଳତି, ପଣାଭୋଗ କରାଯାଇଥିଲା। ମଧ୍ୟାହ୍ନ ଧୂପ ପରେ ୧୨ଟାରେ ୧୫ ମିନିଟ ପାଇଁ ମା'ଙ୍କ ଦର୍ଶନ ବନ୍ଦ ରହିଥିଲା। ଅପରାହ୍ନରେ ପୁଣି ଶ୍ରଦ୍ଧାଳୁଙ୍କ ଦର୍ଶନ ନିମିତ୍ତ ମା'ଙ୍କ ମନ୍ଦିର ଖୋଲାଯାଇଥିଲା। ସନ୍ଧ୍ୟା ଆଳତି ଓ ବାଲ୍ୟଭୋଗ ପରେ ଅନ୍ୟାନ୍ୟ ପୂଜାନୀତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥିଲା।

ମା' ମାଟିଆମଙ୍ଗଳା ଉନ୍ନୟନ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାବିଷୁବ ସଂକ୍ରାନ୍ତି ପାଳନ କରାଯାଇଥିଲା। ମା'ଙ୍କ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆଇଆଇସି ନରେଶ ସାହୁଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୁଲିସ କର୍ମଚାରୀ ନିୟୋଜିତ ହୋଇଥିଲେ। ମା'ଙ୍କ ମନ୍ଦିରକୁ ଫୁଲ ଓ ଲାଇଟରେ ସୁସଜ୍ଜିତ କରାଯାଇଥିଲା। କାହିଁ କେଉଁ ଅନାଦି କାଳରୁ ବ୍ରାହ୍ମଣୀ ନଦୀ କୂଳରେ ମା' ମାଟିଆମଙ୍ଗଳା ପୂଜା ପାଇଆସୁଛନ୍ତି। ନଦୀର କରାଳ ଗ୍ରାସରେ ତଟକ୍ଷୟ ଯୋଗୁଁ ମା'ଙ୍କ ପୁରାତନ ମନ୍ଦିରରେ ନଦୀ ଗର୍ଭକୁ ଚାଲିଗଲା ପରେ ଏବେ ନୂତନ ମନ୍ଦିରରେ ମା' ପୂଜା ପାଇଆସୁଛନ୍ତି। ମା'ଙ୍କ ପୂଜାନୀତି ଓ କିମ୍ବଦନ୍ତୀ ସାରା ଓଡିଶାରେ ବିରଳ। ଅନ୍ୟାନ୍ୟ ଶକ୍ତିପୀଠରେ ବ୍ରାହ୍ମଣମାନେ ପୂଜା କରୁଥିବାବେଳେ ଏଠାରେ ରାଉଳ ସଂପ୍ରଦାୟର ଭକ୍ତ ମା'ଙ୍କୁ ପୂଜା କରିଆସୁଛନ୍ତି। ମା'ଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ସହିତ ନେତାଙ୍କ ଭିଡ ଜମିଥିଲା। କେନ୍ଦ୍ରପଡା ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଧ୍ରୁବଚରଣ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପୂର୍ବତନ ବିଧାୟକ ଅଲେଖ ଜେନା, ବିଜେପି ନେତା ଲଳିତ ବେହେରା, ଓଡିଶା ଜନତା କଂଗ୍ରେସ ନେତା ଅଶୋକ ପ୍ରତିହାରୀ, କଂଗ୍ରେସ ନେତା ପ୍ରଶାନ୍ତ ରାଉତ, ଶ୍ରୀରାମ ସେନା ସଭାପତି ସାରଦା ରାଉତ, ବିଜେପି ଯୁବନେତା ଦିଲ୍ଲୀପ ପାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ପ୍ରମୁଖ ମା'ଙ୍କ ପୀଠରେ ପହଞ୍ଚି ଦର୍ଶନ କରିଥିଲେ। ଆଜି ପ୍ରବଳ ଖରା, ଗରମ ସତ୍ତ୍ୱେ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

### ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ

## ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୧୪।୪(ସମିସ): ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ଅବସରରେ ପଟ୍ଟାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା ଏମଏନ୍ ହାଇସ୍କୁଲ ପଡ଼ିଆଠାରୁ ବାହାରିଥିଲା। ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା ଓ ବଜରଙ୍ଗ ଦଳ ସଂଯୋଜକ ଚନ୍ଦ୍ରକାନ୍ତ ଖଣ୍ଡାଇଙ୍କ ନେତୃତ୍ୱରେ ଶତାଧିକ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ଓ କର୍ମୀ ଶୋଭାଯାତ୍ରାରେ ବାହାରି ପଟ୍ଟାମୁଣ୍ଡାଇ ମେଡିକାଲ ଛକ, କେନାଲ ପୋଲ ଛକ ଓ ଆମ୍ବେଦକର ଛକ ଦେଇ ସହର ପରିକ୍ରମା କରିବା ପରେ ଶୋଭାଯାତ୍ରା ପୁନର୍ବାର ଏମଏନ୍ ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ବିଶ୍ୱହିନ୍ଦୁ ପରିଷଦର ଉପସଭାପତି ଆମ୍ବୁଜ ନାୟକ, ସମ୍ପାଦକ ସନାତନ ମହାନ୍ତି, ସହସମ୍ପାଦକ ଅଜିତ



ମଲିକ, ବଜରଙ୍ଗ ଦଳ ସହସଂଯୋଜକ ସଞ୍ଜୟ ମଲିକ, ସୂର୍ଯ୍ୟକାନ୍ତ ବେହେରା, ବଳ ଉପାସନା ପ୍ରମୁଖ ବଳରାମ ମଲିକ, ସୁରକ୍ଷା ପ୍ରମୁଖ ସମ୍ବେଶ ପ୍ରଧାନ, ଗୋରକ୍ଷା ପ୍ରମୁଖ ପାତନ ମଲିକ, ବିଶ୍ୱହିନ୍ଦୁ ପରିଷଦ ଦୁର୍ଗାବାହିନୀ ସଂଯୋଜିକା ଶ୍ରୀୟା ମହାନ୍ତି, ସତ୍‌ସଙ୍ଗ ପ୍ରମୁଖ ପ୍ରିୟବ୍ରତ ଦାଶ, ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଆଦିତ୍ୟ ସିଂହ, ମନ୍ଦିର ଓ ଅର୍ଚ୍ଚକ ପୁରୋହିତ ସମ୍ପର୍କ ପ୍ରମୁଖ ପ୍ରମୋଦ ସ୍ୱାଇଁ, ଧର୍ମ ପ୍ରସାର ପ୍ରମୁଖ ପ୍ରଶାନ୍ତ ମହାପାତ୍ର, ସେବା ପ୍ରମୁଖ ତପନ ବେହେରା, ପ୍ରଚାର ପ୍ରସାର ପ୍ରମୁଖ ପ୍ରଭୁଦତ୍ତ ଦାଶ, ମାତୃଶକ୍ତି ସଂଯୋଜିକା କାମିନୀ ତରାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ସମୀର ଦାସ, ଶଶୀକାନ୍ତ ସ୍ୱାଇଁ, ବ୍ରଜ ସାହୁ, ଚନ୍ଦ୍ରଶେଖର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୁଲିସ ବାହିନୀ ସହିତ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ମା' ଦରିୟାପାରି ରାମଚଣ୍ଡୀ ପୀଠରେ ଝାମୁଯାତ୍ରା

ମହାକାଳପଡା,୧୪।୪(ସମିସ): ମହାକାଳପଡା ବ୍ଲକର ରାମନଗର ପଞ୍ଚାୟତ ପୂର୍ବ ଉପକୂଳବର୍ତ୍ତୀ ଐତିହାସିକ ଜମ୍ବୁ ଦ୍ୱୀପ ତଟରେ ଅବସ୍ଥିତ ପ୍ରସିଦ୍ଧ ମା' ଦରିୟାପାରି ରାମଚଣ୍ଡୀ ପୀଠରେ ପଣା ସଂକ୍ରାନ୍ତି ଅବସରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୧୭୩୭ରେ କୁଜଙ୍ଗ ରାଜ୍ୟର ଷଷ୍ଠ ବଂଶର ରାଜାଙ୍କ ସମୟରେ ଘନ ଜଙ୍ଗଲ ମଧ୍ୟରେ ଏହି ମନ୍ଦିରର ନିର୍ମାଣ ହୋଇଥିଲା। ମା' ରାମଚଣ୍ଡୀ କୁଜଙ୍ଗ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ଭାବେ ପୂଜିତା। ପୀଠରେ ବାର ପୁନେଇଁ ଓ ତେର ଯାତ୍ରା ପାଳନର ପାରମ୍ପରିକ ପ୍ରଚଳନ ରହିଛି। ଏଥିମଧ୍ୟରୁ ପଣା ସଂକ୍ରାନ୍ତିର ଝାମୁଯାତ୍ରା ବିଶେଷ ଗୁରୁତ୍ୱ ବହନ କରେ। ଦୂରଦୂରାନ୍ତରୁ ଭକ୍ତମାନେ ଆସି ମା'ଙ୍କ ଦର୍ଶନ କରିଥା'ନ୍ତି। ଭକ୍ତଙ୍କ ଆସ୍ଥା ଅନୁଯାୟୀ, ସମୁଦ୍ରରେ ଝଡ଼ ତୋଫାନ



ସମୟରେ ମା'ଙ୍କୁ ସ୍ମରଣ କଲେ ସମସ୍ତ ବିପଦ ଦୂର ହୋଇଥାଏ। ବିଶେଷତଃ ଝାମୁଯାତ୍ରା ସମୟରେ ଭକ୍ତ ନିଆଁ ଉପରେ ଖାଲି ପାଦରେ ଚାଲି ମା'ଙ୍କ ପ୍ରତି ଭକ୍ତି ଓ ନିଷ୍ଠା ପ୍ରକାଶ କରିଥା'ନ୍ତି। ପଣା ସଂକ୍ରାନ୍ତି ଦିନ ମା'ଙ୍କୁ ପଣା ଭୋଗ ଅର୍ପଣ କରାଯାଇଥିଲା। ପରେ ସେବାୟତ ସଂକୀର୍ତ୍ତନ ଓ ଘଣ୍ଟଘଣ୍ଟି ଧ୍ୱନି ମଧ୍ୟରେ ସୁସଜ୍ଜିତ ଦୋଳ ବିମାନରେ ମା'ଙ୍କ ଚଳନ୍ତି ପ୍ରତୀମାକୁ ମନ୍ଦିର ପରିସର ଚାରିପଟେ ସାତଥର ପରିକ୍ରମା କରାଇଥିଲେ। ଏହି ଧାର୍ମିକ ଆୟୋଜନରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମହାକାଳପଡା ବିଡିଓ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମିରାରାଣୀ ନାୟକ, ଉପାଧ୍ୟକ୍ଷ ବିଜୟ ଶୁକ୍ଳା ଓ ମା' ରାମଚଣ୍ଡୀ ସେନାର ସଦସ୍ୟ ଉପସ୍ଥିତ ଥିଲେ।

## ମା' ସିଦ୍ଧେଶ୍ୱରୀ କ୍ୟାସେଟ୍ ଉନ୍ମୋଚିତ

ରାଜକନିକା,୧୪।୪(ସମିସ): ଆଜି ମହାବିଷୁବ ପଣାସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଚରପଡ଼ା ପଞ୍ଚାୟତ ସୀମାନ୍ତ ଗ୍ରାମ ଠାକୁରାଣୀପାଳ ଗ୍ରାମର ଆରାଧ୍ୟା ଦେବୀଙ୍କ ପୀଠରେ ମା' ସିଦ୍ଧେଶ୍ୱରୀ ମହିମା ବର୍ଣ୍ଣିତ ସିଡି ଉନ୍ମୋଚନ ହୋଇଛି।



ଏହି କ୍ୟାସେଟ୍‌ରେ ଗୁରୁ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। କ୍ୟାସେଟ୍‌ରେ ଓଡ଼ିଶାର ସୁନାମଧନ୍ୟ ଗାୟିକା ଅରୁପମା ନାୟକ କଣ୍ଠଦାନ କରିଛନ୍ତି। ଆଜି ଏହି କ୍ୟାସେଟର ଉନ୍ମୋଚନ ସମୟରେ ସାହିତ୍ୟିକ ନିରଞ୍ଜନ ବେହେରା ଓ ମନ୍ଦିର ପୂଜକ ବ୍ରଜକିଶୋର ପଣ୍ଡା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମା' ମାଟିଆମଙ୍ଗଳାଙ୍କ ରୋଷଘରର ଶିଳାନ୍ୟାସ



ରାଜନଗର, ୧୪।୪(ସମିସ): ଆଜି ପବିତ୍ର ବିଷୁବ ସଂକ୍ରାନ୍ତି ଓ ଓଡିଆ ନୂଆବର୍ଷରେ ରାଜନଗର ରାଜନୀତିରେ ଏଣ୍ଟ୍ରି ମାରିଛନ୍ତି ଯୁବ ସମାଜସେବୀ ପ୍ରଣବ ପଡିହାରୀ। ଉପକୂଳ ଓଡିଶାର ପ୍ରମୁଖ ଶକ୍ତିପୀଠ ମା' ମାଟିଆମଙ୍ଗଳାଙ୍କ ପୂଜାର୍ଚ୍ଚନା କରି ଆଜି ରାଜନୀତିରେ ପ୍ରବେଶ କରିଛନ୍ତି। ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ନାଉକୋଣା ଗାଁରେ ପ୍ରଣବଙ୍କ ଘର। ଆଜି ରାଜନୀତିରେ ଏଣ୍ଟ୍ରି କରିବା ପରେ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ସହିତ ବିଭିନ୍ନ ଶକ୍ତିପୀଠରେ ଦର୍ଶନ କରିଛନ୍ତି। ରାଜନୀତିର ପ୍ରଥମ ଦିନରେ ମା' ମାଟିଆ ମଙ୍ଗଳାଙ୍କ ପୀଠରେ ରୋଷଘର ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି। ତାଙ୍କର ବ୍ୟକ୍ତିଗତ ଅର୍ଥରୁ ମା'ଙ୍କ ରୋଷଘର ନିର୍ମାଣ କରିବେ। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତି ସଭ୍ୟ ସସ୍ମିତା ସ୍ୱାଇଁ, ବ୍ରାହ୍ମଣସାହି ପଞ୍ଚାୟତ ସରପଞ୍ଚ ବୀଣାପାଣି ପ୍ରଧାନ, ସମିତିସଭ୍ୟ ରବୀନ ମଲ୍ଲିକ, ଯୁବ ନେତା ସରୋଜ ରାଉତ, ପ୍ରମୋଦ ପ୍ରଧାନଙ୍କ ସହିତ ମନ୍ଦିର କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ବଳିଷ୍ଠ ନେତୃତ୍ୱ ଓ ରାଜନଗର ବିକାଶ ଧାରାରେ ସାମିଲ ହେବାକୁ ରାଜନୀତିରେ ପାଦ ଦେଇଥିବା ପ୍ରଣବ କହିଛନ୍ତି।

## ୧୧ ଫୁଟ ୩ ଇଞ୍ଚର କୁମ୍ଭୀର ମୃତ

ରାଜନଗର,୧୪।୪(ସମିସ): ରାଜନଗରରେ ପ୍ରବାହିତ ହଂସୁଆ ନଦୀରୁ ୧୧ ଫୁଟ ୩ ଇଞ୍ଚର ମୃତ କୁମ୍ଭୀର ଉଦ୍ଧାର କରାଯାଇଛି। ମୃତ କୁମ୍ଭୀର ପୁରୁଷ ହୋଇଥିବାବେଳେ ବାମ ଗୋଡ ନ ଥିବାରୁ କୁମ୍ଭୀର ଲଢେଇରୁ ତାଙ୍କର ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହଂସୁଆ ନଦୀର ସାନଓର ନିକଟରେ କୁମ୍ଭୀର ଭାସୁଥିବା ଦେଖି ଲୋକେ ବନ ବିଭାଗକୁ ଖବରଦେଇଥିଲେ। ବନବିଭାଗ ଟିମ ବୋଟ ଯୋଗେ ସେଠାରେ ପହଞ୍ଚି ମୃତ କୁମ୍ଭୀରକୁ ଉଦ୍ଧାର କରି ସଂସାରଫଳସ୍ଥ ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ନେଇଥିଲେ। ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରକାଶ ଜେନାଙ୍କ ନେତୃତ୍ୱରେ ୪ ଜଣିଆ ଟିମ ମୃତ କୁମ୍ଭୀରର ବ୍ୟବଚ୍ଛେଦ କରିଥିଲେ। ଏହି ମୃତ ପୁରୁଷ



କୁମ୍ଭୀରର ବାମ ଗୋଡ ନ ଥିବାବେଳେ ୮/୧୦ ଦିନ ତଳେ ମାରିଥିବାରୁ କାଟିବା ବେଳେ ସବୁ ବାହାରିଯାଇଥିଲା। ବର୍ତ୍ତମାନ କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ ହୋଇଥିବାରୁ କୁମ୍ଭୀର କୁମ୍ଭୀର ଲଢେଇରୁ ବାମ ଗୋଡ କଟିବା ସହ ମୃତ୍ୟୁ ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କ ଜୟନ୍ତୀ









କେନ୍ଦ୍ରାପଡ଼ା,୧୪।୪(ସମିସ)

ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ (ସୂଚନା ଓ ଲୋକସମ୍ପର୍କ ବିଭାଗ) ପକ୍ଷରୁ ଜିଲ୍ଲା ସ୍ତରରେ ପାଳିତ ହୋଇଛି। ସକାଳ ୮ଟାରେ ହାଇସ୍କୁଲ ଛକ ଓ ପୁରୁଣା ବସ୍‌ଷ୍ଟାଣ୍ଡସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ମ୍ୟୁନିସିପାଲିଟି ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ଓ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ ପତି ଓ ନନ୍ଦକିଶୋର ପରିଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ଓ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଅତିଥିଙ୍କୁ ସ୍ୱାଗତ ଓ ସମ୍ମାନିତ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ରାଜକନିକା:** ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ଆଜି ସମ୍ବିଧାନର ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି। ଦେଶରେ ସାର୍ବଭୌମ ସମାଜବାଦ ପ୍ରତିଷ୍ଠାକୁ ସୁଦୃଢ କରିବାକୁ ଆଜି ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ଏହି ଜୟନ୍ତୀ ପାଳନ କରାଯାଉଛି। ଅଶୋକ ବଜାରସ୍ଥ କାର୍ଯ୍ୟାଳୟରେ ବ୍ଲକ୍ କଂଗ୍ରେସ ସଭାପତି ପଙ୍କଜ ଦାସ, ପିସିସି ସଦସ୍ୟ ବାବୁରାମ ଜେନା, ଯୁବ କଂଗ୍ରେସର ସତ୍ୟ ପରିଡା, ଅଭିରାମ ବିଶ୍ୱାଳ, ଅମିତ ନାୟକ,ସମିତି ସଭ୍ୟା ନାରୀ ନେତ୍ରୀ ଅଞ୍ଜନା ସାହୁ, ଲକ୍ଷ୍ମୀପ୍ରିୟା ନାୟକ, ମେହତାବ ଖାଁ, ଫରିଦ ଖାଁ, ନିରଞ୍ଜନ ପତି ପ୍ରମୁଖ ଯୋଗ ଦେଇଥିଲେ।

**ରାଜନଗର:** ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ତହସିଲ ପ୍ରାଙ୍ଗଣରେ ଥିବା ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଜିଲ୍ଲା ଗୋଖା ମହାସଂଘ ସଭାପତି ବସନ୍ତ ସେଠୀ, ରାଜନଗର ଓକିଲ ସଂଘ ସଭାପତି ଉମେଶ ଦାସ, ଜିଲ୍ଲା ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାନେତ୍ରୀ ଶ୍ରୀମତୀ ପ୍ରମିଳା ସେଠୀ, ଆମ୍ବେଦକର ମହିଳା ବିକାଶ ଟ୍ରଷ୍ଟ ସଭାନେତ୍ରୀ ସୀତା ସେଠୀ, ଆମ୍ବେଦକର ଲୋହିଆ ବିଚାର ମଞ୍ଚ ସଭାପତି ବାମନ ଜେନା, ଦେବେନ୍ଦ୍ର ଦାସ, କୈଳାସ ମଲିକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇର ବିଭିନ୍ନ ସଂଗଠନ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆମ୍ବେଦକର ସ୍ମୃତି ସଂସଦ ପକ୍ଷରୁ ବାଇପାସ ଛକରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆମ୍ବେଦକର ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ସ୍ମୃତି ସଂସଦ ସମ୍ପାଦକ କାଉନସିଲର ଗୋପୀବଲ୍ଲଭ ନାୟକ, ଓକିଲ ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ଇଂ ତପନ ପାତ୍ର, ସତ୍ୟପ୍ରିୟ ସାମଲ, ମିଟୁ ମନୋଜ ନାୟକ, ଗୋବିନ୍ଦ ସେଠୀ, ରବୀନ୍ଦ୍ର ପାତ୍ର, ରାମଚନ୍ଦ୍ର ସାହୁ, ଦଳିତ ନେତା କଳ୍ପତରୁ ମଲିକ ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହିତ ସ୍ମୃତି ସଂସଦ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି। ସଂଘ ଉପସଭାପତି ଗୋପୀନାଥ ତ୍ରିପାଠୀ, ସମ୍ପାଦକ




ରବୀନ୍ଦ୍ର ଦାଶ, ଯୁଗ୍ମସମ୍ପାଦକ ସତ୍ୟନାରାୟଣ ନାୟକ, ସରକାରୀ ଓକିଲ ଭବାନୀ ପଣ୍ଡା, ରମେଶ ଦାଶ, ସଞ୍ଜୀବ କର ପ୍ରମୁଖ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ।

**ପଞ୍ଚୁପାଣ୍ଡବ:** ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମରେ ଥିବା ଆମ୍ବେଦକର ଯୁବକ ସଂଘ ପାଠାଗାର ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ କରାଯାଇଛି। ସମତା ବିହାରରେ ଆୟୋଜିତ ଉତ୍ସବରେ ପ୍ରଫେସର ବସନ୍ତ ମଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ କଲେଜର ପୂର୍ବତନ ଅଧ୍ୟକ୍ଷ ହରିଶ ପୃଷ୍ଟି, ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରଫେସର ମାନସ ବେହେରା, ସମ୍ମାନିତ ଅତିଥି କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ରମେଶ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ରବୀନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ସମ୍ପାଦକ ଉତ୍ତମ ମଲିକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ତ୍ରିଲୋଚନ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଜୟନ୍ତ ମଲିକ, ଭଜହରି ମଲିକ, ମାନସ ମଲ୍ଲିକ, ଗିରିଶ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁନିକୁନି ଛାତ୍ରଛାତ୍ରୀଙ୍କ ଜଳଛତ୍ର



ଡେରାବିଶ, ୧୪।୪(ସମିସ): ଜମଧର ପଞ୍ଚାୟତ ଅନ୍ତର୍ଗତ ସାନଗାଁସ୍ଥ ମା' ସିଦ୍ଧଚଣ୍ଡୀ ପାଠଶାଳାର କୁନିକୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଜଳଛତ୍ରର ଆୟୋଜନ କରାଯାଇଛି। ଏଥିରେ ପାଠଶାଳାର ଛୋଟ ଛୋଟ ଛାତ୍ରଛାତ୍ରୀ ରାସ୍ତାରେ ଯାଉଥିବା ଯାତ୍ରୀଙ୍କୁ ଦହିସରବତ ବଣ୍ଟନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ହେତୁ ରାସ୍ତାରେ ଯାଉଥିବା ଯାତ୍ରୀଙ୍କ ତୃଷା ମେଣ୍ଟାଉଥିବାରୁ ଛାତ୍ରଛାତ୍ରୀଙ୍କୁ ସେମାନେ ଆଶୀର୍ବାଦ କରିଥିଲେ। ଜଳଛତ୍ରକୁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅବସରପ୍ରାପ୍ତ ଶିକ୍ଷକ ରମେଶ ପତି ଉଦ୍‌ଘାଟନ କରିଥିଲେ। ପର୍ଶୁରାମ ମହାନ୍ତି, ସଂଯୋଜକ ସିକୁନ ମହାନ୍ତି ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀ ଓ ଅଭିଭାବକ ସହଯୋଗ କରିଥିଲେ। ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦହିସରବତ ବଣ୍ଟନ କରାଯାଇଥିଲା

